# ୧୩

# ରାଜ୍ୟ କାର୍ଯ୍ୟପାଳିକା

ତୁମେମାନେ ପଢ଼ିସାରିଅଛ ଯେ ଭାରତ ୨୮ଟି ରାଜ୍ୟ ଏବଂ ୭ଗୋଟି କେନ୍ଦ୍ର ଶାସିତ ଅଂଚଳର ସମଷ୍ଟି ବା ସମାହାର । ଭାରତ ସମ୍ବିଧାନରେ ପ୍ରଣେତାଗଣ ସଂଘୀୟ ବ୍ୟବସ୍ଥାର ପ୍ରଚଳନ କରିଛନ୍ତି । ଏହି ସଂଘୀୟ ବ୍ୟବସ୍ଥାରେ ଦୁଇଗୋଟି ସ୍ତର ରହିଛି । କେନ୍ଦ୍ରୀୟ ସ୍ତର ଏବଂ ରାଜ୍ୟସ୍ତର । ଦଶମ ଅଧ୍ୟାୟରେ ତୁମେ କେନ୍ଦ୍ରୀୟ କାର୍ଯ୍ୟପାଳିକା ବିଷୟରେ ପଢ଼ିସାରିଛ । ସାଧାରଣତ କେନ୍ଦ୍ରୀୟ ଢ଼ାଞ୍ଚା ଅନୁସାରେ ରାଜ୍ୟସ୍ତରରେ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ପରି ନାମମାତ୍ର ମୁଖ୍ୟ ହିସାବରେ କାର୍ଯ୍ୟ କରନ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କ ନେତୃତରେ ମନ୍ତ୍ରୀମଣ୍ଡଳ ପ୍ରକୃତ ଶାସନ କ୍ଷମତାର ଅଧିକାରୀ ରାଜ୍ୟସ୍ତରରେ 'ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ମିଳିତ ଭାବେ ଏବଂ ବ୍ୟକ୍ତିଗତ ଭାବେ ନିଜର ସମସ୍ତ କାର୍ଯ୍ୟ ପାଇଁ ରାଜ୍ୟ ବ୍ୟବସ୍ଥାପିକାର ନିମ୍ନସଦନ ନିକଟରେ ଦାୟୀ ରୁହନ୍ତି ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଠନ ପରେ ତୁମେ ନିମ୍ନଲିଖିତ ବିଷୟଗୁଡ଼ିକ ସମ୍ପନ୍ଧରେ ଜାଣିପାରିବ;

୧। ରାଜ୍ୟପାଳଙ୍କ ନିଯୁକ୍ତି ପ୍ରଣାଳୀ

୨। ରାଜ୍ୟପାଳଙ୍କ ଆବଶ୍ୟକ ଯୋଗ୍ୟତା କାର୍ଯ୍ୟକାଳ ଏବଂ ସୁବିଧା ସୁଯୋଗ

୩। ରାଜ୍ୟପାଳଙ୍କ ବିବେକାନୁମୋଦିତ କ୍ଷମତା ସହିତ ଅନାନ୍ୟା କ୍ଷମତା


୪। ରାଜ୍ୟପାଳଙ୍କ ଭୂମିକା ଏବଂ ସ୍ଥିତି

୫। ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ଓ ନିଯୁକ୍ତି ପ୍ରଣାଳୀ

୬। ମନ୍ତ୍ରୀପରିଷଦର ନିଯୁକ୍ତି ଓ ଗଠନ

୭। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦର କାର୍ଯ୍ୟାବଳୀ ଏବଂ କ୍ଷମତା

୮। ରାଜ୍ୟସ୍ତରରେ ରାଜ୍ୟପାଳ ଓ ମନ୍ତ୍ରୀପରିଷଦ ମଧ୍ୟରେ ସଂପର୍କ



## ୧୩.୧. ରାଜ୍ୟପାଳ

ଭାରତୀୟ ସମ୍ବିଧାନ ଅନୁସାରେ ପ୍ରତ୍ୟେକ ରାଜ୍ୟପାଇଁ ଜଣେ ରାଜ୍ୟପାଳ ରହିବେ । ଯଦି ଆବଶ୍ୟକ ପଡ଼େ, ଏକାଧିକ ରାଜ୍ୟପାଇଁ ଜଣେ ରାଜ୍ୟପାଳ ମଧ୍ୟ ରହି ପାରନ୍ତି । ରାଜ୍ୟରେ ପ୍ରଶାସନିକ କ୍ଷମତା ରାଜ୍ୟପାଳଙ୍କ ଉପରେ ନ୍ୟସ୍ତ ହୋଇଛି । ଏହା କ୍ଷମତାକୁ ସେ ପ୍ରତ୍ୟକ୍ଷ ଭାବେ କିମ୍ବା ନିଜର ଅଧସ୍ତନ ଅଧିକାରୀମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରିପାରନ୍ତି ।

### ୧୩.୧.୧. ରାଜ୍ୟପାଳ: ନିଯୁକ୍ତି, ଯୋଗ୍ୟତା, କାର୍ଯ୍ୟକାଳ ଇତ୍ୟାଦି

ରାଜ୍ୟର ରାଜ୍ୟପାଳ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ହୋଇଥାଆନ୍ତି ରାଜ୍ୟପାଳ ପୁନର୍ବାର ମଧ୍ୟ ସେହି ରାଜ୍ୟ କିମ୍ବା ଅନ୍ୟରାଜ୍ୟରେ ମଧ୍ୟ ନିଯୁକ୍ତି ପାଇପାରନ୍ତି । ଏଥିପାଇଁ କୌଣସି ପ୍ରତିବନ୍ଧକ ନାହିଁ । ରାଜ୍ୟପାଳ ନିର୍ବାଚିତ ହୁଅନ୍ତି ନାହିଁ କେବଳ ନିଯୁକ୍ତି ହୁଅନ୍ତି ।

ରାଜ୍ୟପାଳ ହେବାପାଇଁ ଜଣେ ବ୍ୟକ୍ତିଙ୍କର ନିମୋକ୍ତ ଯୋଗ୍ୟତା ଥିବା ଆବଶ୍ୟକ ।

(କ) ସେ ନିଶ୍ଚିତ ଭାବରେ ଭାରତୀୟ ନାଗରିକ ହୋଇଥିବେ ।

(ଖ) ତାଙ୍କର ବୟସ ଅତିକମ୍‌ରେ ୩୫ ବର୍ଷ ବୟସ ହୋଇଥିବ ।

(ଗ) ସେ କୌଣସି ଲାଭଜନକ ପଦବୀରେ ନ ଥିବେ ।

ଯଦି କୌଣସି ବ୍ୟକ୍ତି ସଂସଦ ବା ରାଜ୍ୟ ବ୍ୟବସ୍ଥାପିକାର କୌଣସି ଗୃହର ସଦସ୍ୟ ଥିବେ କିମ୍ବା କେନ୍ଦ୍ର ବା ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟ ଥିବେ, ତେବେ ରାଜ୍ୟପାଳ ପଦବୀ ଗ୍ରହଣ କରିବାଦିନଠାରୁ ତାଙ୍କର ସମ୍ପୃକ୍ତ ସଦସ୍ୟ ପଦ ନାକଚ ହୋଇ ଯାଇଛି ବୋଲି ଧରିନିଆଯିବ ।

ରାଜ୍ୟପାଳ ୫ ବର୍ଷ ପାଇଁ ନିଯୁକ୍ତି ହୋଇଥାଆନ୍ତି କିନ୍ତୁ ସାଧାରଣତଃ ରାଷ୍ଟ୍ରପତିଙ୍କ ବିଶ୍ୱସ୍ତଥିବା ପର୍ଯ୍ୟନ୍ତ ନିଜ ପଦବୀରେ ରୁହନ୍ତି । ରାଜ୍ୟପାଳ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଇସ୍ତଫା ପ୍ରଦାନ କରି ପାରନ୍ତି କିମ୍ବା ରାଷ୍ଟ୍ରପତି ରାଜ୍ୟପାଳଙ୍କୁ ମଧ୍ୟ ଅବ୍ୟାହତି ଦେଇପାରନ୍ତି । ରାଷ୍ଟ୍ରପତି ପ୍ରାୟତଃ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଅନୁଯାୟୀ ରାଜ୍ୟପାଳଙ୍କୁ ନିଯୁକ୍ତି ଦିଅନ୍ତି ଏବଂ ବହିଷ୍କାର କରନ୍ତି । ରାଜ୍ୟପାଳ ବିନା ଭଡ଼ାରେ ସରକାରୀ ବାସଭବନରେ ରୁହନ୍ତି, ତାକୁ ରାଜଭବନ କୁହାଯାଏ । ତାଙ୍କର କାର୍ଯ୍ୟକାଳ ମଧ୍ୟରେ ତାଙ୍କର ଦରମା, ଭତ୍ତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ କମାଇ ଦିଆଯାଇ ପାରିବ ନାହିଁ ।

### ୧୩.୧.୨. ରାଜ୍ୟପାଳଙ୍କ କ୍ଷମତା, ସ୍ଥିତି ଏବଂ ଭୂମିକା

ରାଜ୍ୟପାଳଙ୍କର କ୍ଷମତା ଏବଂ କାର୍ଯ୍ୟାବଳୀକୁ ଦୁଇଟି ପର୍ଯ୍ୟାୟରେ ଆଲୋଚନା କରାଯାଇ ପାରେ । ପ୍ରଥମତଃ ରାଜ୍ୟର ମୁଖ୍ୟ ହିସାବରେ ଏବଂ ଦ୍ୱିତୀୟରେ କେନ୍ଦ୍ରର ପ୍ରତିନିଧି ହିସାବରେ । ରାଜ୍ୟର ମୁଖ୍ୟ ହିସାବରେ ତୁମେ ମାନେ ତାଙ୍କର କାର୍ଯ୍ୟ ପାଳିକା, ବ୍ୟବସ୍ଥାପିକା, ଆର୍ଥିକ ଏବଂ ବିଚାରଗତ କ୍ଷମତା ବିଷୟରେ ପଢ଼ିବ । ରାଜ୍ୟପାଳଙ୍କର ଏହି କ୍ଷମତା ଗୁଡ଼ିକ ବିଷୟରେ ପ୍ରଥମେ ପଢ଼ିବ ।

#### ୧। କାର୍ଯ୍ୟପାଳିକା କ୍ଷମତା

ରାଜ୍ୟର ସମସ୍ତ କାର୍ଯ୍ୟପାଳିକା କ୍ଷମତା ରାଜ୍ୟପାଳଙ୍କ ନାମରେ ସମ୍ପାଦିତ ହୁଏ । ରାଜ୍ୟପାଳ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତି କରନ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ ରାଜ୍ୟ ମନ୍ତ୍ରୀମଣ୍ଡଳର ଅନ୍ୟ ସଦସ୍ୟମାନଙ୍କୁ ନିଯୁକ୍ତି କରନ୍ତି । ଏକ ଭଲ ପ୍ରତିଷ୍ଠିତ ରାଜନୈତିକ ପରମ୍ପରା ଅନୁସାରେ ରାଜ୍ୟପାଳ ସଂଖ୍ୟାଗରିଷ୍ଠ ଦଳ ବା ମେଣ୍ଟର ନେତାଙ୍କୁ (ଯଦି ବିଧାନ ସଭାର କୌଣସି ଗୋଟିଏ ଦଳ ସଂଖ୍ୟା ଗରିଷ୍ଠତା



ହାସଲ କରିନଥାଏ)ସରକାର ଗଠନ କରିବା ପାଇଁ ଡାକନ୍ତି । ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବ[ନ କରନ୍ତି । ସେ ରାଜ୍ୟର ନ୍ୟାୟାଧିବକ୍ତା, ରାଜ୍ୟ ଲୋକସେବା ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ନିଯୁକ୍ତି କରନ୍ତି । ତାଙ୍କ ରାଜ୍ୟର ଅଧସ୍ତନ ନ୍ୟାୟାଳୟର ବିଚାରପତିଙ୍କୁ ନିଯୁକ୍ତି ଦେବାର କ୍ଷମତା ରହିଛି । ରାଜ୍ୟରେ ଥିବା ହାଇକୋର୍ଟର ବିଚାରପତିମାନଙ୍କୁ ନିଯୁକ୍ତି ଦେବା ବେଳେ ରାଷ୍ଟ୍ରପତି ରାଜ୍ୟପାଳଙ୍କ ପରାମର୍ଶ ନେଇଥାଆନ୍ତି । ରାଷ୍ଟ୍ରପତିଙ୍କ ପରି ରାଜ୍ୟପାଳ ରାଜ୍ୟର ମୁଖ୍ୟ ହିସାବରେ ମୁଖ୍ୟମନ୍ତ୍ରି ଏବଂ ମନ୍ତ୍ରୀମଣ୍ଡଳଙ୍କ ପରାମର୍ଶ କ୍ରମେ ତାଙ୍କର ସମସ୍ତ କାର୍ଯ୍ୟ ସମ୍ପାଦନ କରନ୍ତି ।

## ୨। ବ୍ୟବସ୍ଥାପିକା କ୍ଷମତା

ରାଜ୍ୟପାଳ ରାଜ୍ୟ ବ୍ୟବସ୍ଥାପିକାର ଏକ ଅବିଚ୍ଛେଦ୍ୟ ଅଙ୍ଗ । ତେଣୁ ସେ କେତେ ଗୁଡିଏ ବ୍ୟବସ୍ଥାପିକା କାର୍ଯ୍ୟ ସମ୍ପାଦନ କରନ୍ତି । ରାଜ୍ୟପାଳ ରାଜ୍ୟ ବିଧାନସଭା ଓ ବିଧାନପରିଷଦର ଅଧିବେଶନ ଆରମ୍ଭ କରନ୍ତି ଏବଂ ଦରକାର ପଡ଼ିଲେ ବନ୍ଦ ମଧ୍ୟ କରିପାରନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ ସେ ବିଧାନସଭାକୁ ଭାଙ୍ଗି ଦେଇ ପାରନ୍ତି । ସେ ବିଧାନସଭା ଅଧିବେଶନରେ କିମ୍ବା ଦୁଇ କକ୍ଷର ମିଳିତ ଅଧିବେଶନରେ ଅଭିଭାଷଣ ପ୍ରଦାନ କରନ୍ତି । ସେ ବିଧାନସଭା କିମ୍ବା ୨ଟି କକ୍ଷକୁ ବାର୍ତ୍ତା ପ୍ରେରଣ କରନ୍ତି ।

ସେ ରାଜ୍ୟରେ ଥିବା ଆଙ୍ଗ୍ଲୋ-ଇଣ୍ଡିଆନ (Anglo.Indian) ସମ୍ପ୍ରଦାୟର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ବିଧାନ ସଭାକୁ ମନୋନୀତ କରିପାରିବେ । (ଅଧ୍ୟାୟ-୧୪ରେ ବର୍ଣ୍ଣିତ ହୋଇଅଛି)

ସେ ରାଜ୍ୟ ବିଧାନପରିଷଦର ଏକ -ଷଷ୍ଠାଂଶ (୧/୬) ସଦସ୍ୟଙ୍କୁ ମନୋନୀତ କରନ୍ତି । ଏହି ମନୋନୀତ ସଦସ୍ୟମାନେ ସାହିତ୍ୟ, ବିଜ୍ଞାନ, କଳା, ସମବାୟ ଆନ୍ଦୋଳନ ଓ ସମାଜସେବା କ୍ଷେତ୍ରରେ ସ୍ୱତନ୍ତ୍ର ଜ୍ଞାନ ସମ୍ପନ୍ନ ବ୍ୟକ୍ତି ହୋଇଥାନ୍ତି ।

ରାଜ୍ୟ ବିଧାନସଭା ଦ୍ୱାରା ଗୃହୀତ ବିଧେୟକ ଆଇନରେ ରୂପାନ୍ତରିତ ହେବାପାଇଁ ରାଜ୍ୟପାଳଙ୍କ ସ୍ୱାକ୍ଷର ଅପରିହାର୍ଯ୍ୟ । ଏହି କ୍ଷେତ୍ରରେ ରାଜ୍ୟପାଳ ନିମ୍ନଲିଖିତ ଇଚ୍ଛାଧୀନ କାର୍ଯ୍ୟ କରିଥାଆନ୍ତି ।

(କ) ସିଧାସଳଖ ସ୍ୱୀକୃତି ଦେଇ ଆଇନରେ ପରିଣତ କରିପାରନ୍ତି ।

(ଖ) ତାଙ୍କ ସ୍ୱୀକୃତି ସ୍ଥଗିତ ରଖିପାରନ୍ତି ଯେଉଁଥି ପାଇଁ ବିଧେୟକ ଆଇନରେ ପରିଣତ ହୋଇପାରେ ନାହିଁ ।

(ଗ) ନିଜର ସୁପାରିଶ ସହ ରାଜ୍ୟ ବ୍ୟବସ୍ଥାପକ ସଭାର ପୁନର୍ବିଚାର ପାଇଁ ଫେରାଇ ଦେଇ ପାରନ୍ତି । ଯଦି ରାଜ୍ୟପାଳଙ୍କ ଦ୍ୱାରା ଫେରାଇ ଦିଆଯାଇଥିବା ବିଧେୟକ ରାଜ୍ୟ ବ୍ୟବସ୍ଥାପକ ସଭା ଦ୍ୱାରା ଦ୍ୱିତୀୟଥର ଗୃହୀତ ହୁଏ, ତେବେ ରାଜ୍ୟପାଳ ତାହାକୁ ସ୍ୱୀକୃତି ଦେବା ପାଇଁ ବାଧ୍ୟ ।

(ଘ) ରାଜ୍ୟପାଳ ବିଲଟିକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ସଂରକ୍ଷିତ କରିପାରନ୍ତି ।

ରାଜ୍ୟ ବିଧାନ ସଭାର ଅଧିବେଶନ ନ ଥିଲାବେଳେ ରାଜ୍ୟପାଳ ଅଧ୍ୟାଦେଶ ଜାରିକରନ୍ତି । ବିଧାନସଭା ଅଧିବେଶନ ବସିବାର ଛଅ ସପ୍ତାହ ମଧ୍ୟରେ ଅଧ୍ୟାଦେଶଟି ବିଧାନସଭାଦ୍ୱାରା ସ୍ୱୀକୃତି ପ୍ରାପ୍ତ ନ ହେଲେ, ତାହା ନିଷ୍କ୍ରିୟ ହୋଇଯାଏ । ରାଜ୍ୟପାଳଙ୍କ ବ୍ୟବସ୍ଥାପିକ କ୍ଷମତା କାର୍ଯ୍ୟପାଳିକା କ୍ଷମତା ପରି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ନେତୃତରେ ମନ୍ତ୍ରୀମଣ୍ଡଳଙ୍କ ଦ୍ୱାରା ସମ୍ପାଦିତ ହୁଏ ।

### ୩। ଆର୍ଥିକ କ୍ଷମତା

(କ) ରାଜ୍ୟପାଳଙ୍କ ପୂର୍ବ ଅନୁମତି ବିନା କୌଣସି ଅର୍ଥ ବିଧେୟକ ବିଧାନ ସଭାରେ ଆଗତ କରାଯାଇ ପାରିବ ନାହିଁ ।

(ଖ) ରାଜ୍ୟର ବାର୍ଷିକ ଆୟବ୍ୟୟ ଅଟକଳକୁ ରାଜ୍ୟପାଳ ବିଧାନ ସଭାରେ ଆଗତ କରିବାପାଇଁ ବ୍ୟବସ୍ଥା ଗ୍ରହଣ କରନ୍ତି ।

(ଗ) ରାଜ୍ୟ ଆକସ୍ମିକ ପାଣ୍ଠି ରାଜ୍ୟପାଳଙ୍କ ଅଧୀନରେ ରହିଥାଏ ।

### ୪। କ୍ଷମା ଦେବାର କ୍ଷମତା

କୌଣସି ଅପରାଧରେ ଦଣ୍ଡିତ ଜଣେ ବ୍ୟକ୍ତିଙ୍କର ଦଣ୍ଡକୁ କ୍ଷମା କରିବା, ସ୍ଥଗିତ କରିବା, ବିରତି ଦେବା, କୋହଳ କରିବା, ବିନିମୟ କରିବା, ନିଲମ୍ବିତ କରିବା କିମ୍ବା ହ୍ରାସ କରିବାର କ୍ଷମତା ରାଜ୍ୟପାଳଙ୍କର ରହିଛି, ଯଦି ସେହି ବ୍ୟକ୍ତି ରାଜ୍ୟର କାର୍ଯ୍ୟପାଳିକା କ୍ଷମତା ସହିତ ଜଡ଼ିତ ଦୋଷ ଯୋଗୁ ଦଣ୍ଡିତ ହୋଇଥାଆନ୍ତି ।

### ୫। ଇଚ୍ଛାଧୀନ କ୍ଷମତା

ଆଗରୁ ଦର୍ଶାଯାଇଛି, ରାଜ୍ୟପାଳ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳର ପରାମର୍ଶକ୍ରମେ କାର୍ଯ୍ୟପାଳିକା, ବ୍ୟବସ୍ଥାପିକା, ଆର୍ଥିକ ଓ ବିଚାରଗତ କ୍ଷମତା ଗୁଡ଼ିକ ସମ୍ପାଦନ କରନ୍ତି । ଏହି କାର୍ଯ୍ୟ ଗୁଡ଼ିକୁ ସେ ରାଜ୍ୟର ମୁଖ୍ୟ ହିସାବରେ ଉପଭୋଗ କରିଥାଆନ୍ତି । ସେ କେନ୍ଦ୍ରର ପ୍ରତିନିଧି ହିସାବରେ କିଛି କାର୍ଯ୍ୟ କରିଥାଆନ୍ତି । ଏଗୁଡ଼ିକ ତାଙ୍କର ଇଚ୍ଛାଧୀନ କ୍ଷମତା । ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କ ବିନା ପରାମର୍ଶରେ ଏହି କାର୍ଯ୍ୟଗୁଡ଼ିକ କରିଥାନ୍ତି । ରାଜ୍ୟପାଳ କେତେକ ସ୍ୱତନ୍ତ୍ର ପରିସ୍ଥିତିରେ ନିଜର ଇଚ୍ଛାନୁସାରେ ନିଷ୍ପତି ନିଅନ୍ତି ଓ କାର୍ଯ୍ୟ କରନ୍ତି । ସେହି କାର୍ଯ୍ୟଗୁଡ଼ିକ ହେଲା–

୧। ରାଜ୍ୟପାଳଙ୍କର ଯଦି ହୃଦବୋଧ ହୁଏ, ରାଜ୍ୟରେ ସାମ୍ବିଧାନିକ ବ୍ୟବସ୍ଥା ଅଚଳ ହୋଇଯାଇଛି, ରାଷ୍ଟ୍ରପତି ଶାସନ ଜାରି ପାଇଁ କେନ୍ଦ୍ରକୁ ସୁପାରିଶ କରିପାରିବେ । ଯେହେତୁ ଏହି କାର୍ଯ୍ୟ ରାଜ୍ୟପାଳ ନିଜ ଇଚ୍ଛା ଅନୁସାରେ କରନ୍ତି, ଏହାକୁ ରାଜ୍ୟପାଳଙ୍କର ଇଚ୍ଛାଧୀନ କାର୍ଯ୍ୟ କୁହାଯାଏ । ସମ୍ବିଧାନର ୩୫୬ ଧାରା ଅନୁସାରେ ରାଷ୍ଟ୍ରପତି ଶାସନ ରାଜ୍ୟରେ ଜାରିହୁଏ ଏବଂ ବିଧାନ ସଭା ଓ ମନ୍ତ୍ରୀମଣ୍ଡଳ ଭାଙ୍ଗି ଦିଆଯାଏ । ଏହି ସମୟରେ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ପ୍ରତିନିଧିଭାବେ ଶାସନ କରନ୍ତି ।


୨। ରାଜ୍ୟପାଳ ପରିସ୍ଥିତି ଅନୁସାରେ କୌଣସି ବିଧେୟକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ସଂରକ୍ଷିତ କରିପାରନ୍ତି । ଏହା ତାଙ୍କ ଇଚ୍ଛାନୁସାରେ ହୁଏ ବୋଲି, ଏହା ମଧ୍ୟ ଏକ ଇଚ୍ଛାଧୀନ କାର୍ଯ୍ୟ । ରାଜ୍ୟପାଳଙ୍କ ଇଚ୍ଛାଧୀନ କାର୍ଯ୍ୟ କେତେକ ସ୍ୱତନ୍ତ୍ର ପରିସ୍ଥିତିରେ କାର୍ଯ୍ୟକାରୀ ହୁଏ । ଏହା କେନ୍ଦ୍ର ଓ ରାଜ୍ୟମଧ୍ୟରେ ସମସ୍ୟା ସୃଷ୍ଟି କରାଇ ଥାଏ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୩.୧

ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକ ରେ ଦିଆଯାଇଥିବା ବିକଳ୍ପଗୁଡ଼ିକ ମଧ୍ୟରୁ ସଠିକ ଉତ୍ତର ଚୟନ କର ।

୧। ରାଜ୍ୟର ରାଜ୍ୟପାଳଙ୍କୁ କିଏ ନିଯୁକ୍ତି କରନ୍ତି ?

(କ) ରାଷ୍ଟ୍ରପତି



(ଖ) ଉପରାଷ୍ଟ୍ରପତି

(ଗ) ପ୍ରଧାନ ମନ୍ତ୍ରୀ

(ଘ) ଭାରତର ପ୍ରଧାନ ବିଚାରପତି

୨। ରାଜ୍ୟପାଳଙ୍କ କାର୍ଯ୍ୟକାଳ କେତେ ବର୍ଷ ?

(କ) ୪ ବର୍ଷ

(ଖ) ୫ ବର୍ଷ

(ଗ) ୬ ବର୍ଷ

(ଘ) ୭ ବର୍ଷ

୩। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜ୍ୟମନ୍ତ୍ରୀ ପରିଷଦ ମିଳିତ ଭାବେ କାହା ନିକଟରେ ଦାୟୀରୁହନ୍ତି ?

(କ) ବିଧାନ ସଭା

(ଖ) ବିଧାନ ପରିଷଦ

(ଗ) ରାଜ୍ୟ ପାଳ

(ଘ) ରାଷ୍ଟ୍ରପତି

୪। ରାଜ୍ୟରେ ଅଧ୍ୟାଦେଶ କିଏ ଜାରି କରନ୍ତି ?

(କ) ରାଜ୍ୟପାଳ

(ଖ) ରାଜ୍ୟ ଗୃହମନ୍ତ୍ରୀ

(ଗ) ମୁଖ୍ୟମନ୍ତ୍ରୀ

(ଘ) ରାଷ୍ଟ୍ରପତି

୫। ରାଜ୍ୟପାଳ ରାଜ୍ୟ ବିଧାନସଭାକୁ କାହାର ସୁପାରିଶରେ ଭଙ୍ଗ କରି ପାରିବେ ?

(କ) ରାଜ୍ୟ ଗୃହମନ୍ତ୍ରୀ

(ଖ) ଉଚ୍ଚ ନ୍ୟାୟଳୟର ମୁଖ୍ୟ ବିଚାରପତି

(ଗ) ମୁଖ୍ୟମନ୍ତ୍ରୀଙ୍କ ନେତୃତାଧୀନ ମନ୍ତ୍ରୀପରିଷଦ

(ଘ) ରାଜ୍ୟର ମହାଧୀବକ୍ତା

## ୧୩.୧.୩ ରାଜ୍ୟପାଳଙ୍କ ସ୍ଥିତି ଏବଂ ଭୂମିକା

ରାଜ୍ୟପାଳଙ୍କ କ୍ଷମତାଗଡ଼ିକୁ ଅନୁଧ୍ୟାନ କଲାପରେ ତୁମେମାନେ ଅନୁଭବ କରିପାରଯେ ରାଜ୍ୟପାଳ ରାଜ୍ୟର ବହୁ କ୍ଷମତାର ଅଧିକାରୀ । ତୁମେ ଜାଣ, ସଂସଦୀୟ ବ୍ୟବସ୍ଥାରେ ଯେହେତୁ ମନ୍ତ୍ରୀପରିଷଦ ବ୍ୟବସ୍ଥାପକ ନିକଟରେ ଦାୟୀ,ତେଣୁ ସେମାନେ ପ୍ରକୃତ କ୍ଷମତା ଉପଭୋଗ କରନ୍ତି, ରାଜ୍ୟପାଳ ନୁହେଁ । ରାଷ୍ଟ୍ରପତିଙ୍କ ପରି ରାଜ୍ୟପାଳଙ୍କୁ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦର ଉପଦେଶ ଅନୁସାରେ କାର୍ଯ୍ୟ କରିବାକୁ ପଡ଼େ । ତେଣୁ

ରାଜ୍ୟପାଳ ସାମ୍ବିଧାନିକ ବା ଆଳଙ୍କାରିକ ମୁଖ୍ୟ ହିସାବରେ କାର୍ଯ୍ୟ କରନ୍ତି । କେତେକ ସ୍ୱତନ୍ତ୍ର ପରିସ୍ଥିତିରେ ରାଜ୍ୟପାଳ ନିଜ ଇଚ୍ଛାନୁସାରେ କାର୍ଯ୍ୟ କରିଥାନ୍ତି । ୧୯୬୭ ସାଧାରଣ ନିର୍ବାଚନ ସମୟରୁ ଯେତେବେଳେ କେତେକ ରାଜ୍ୟ ମିଳିତ ବିଧାୟକ ଦଳର ସରକାର ଚାହିଁଲେ, ରାଜ୍ୟପାଳଙ୍କ ପଦବୀ ତାଙ୍କର ଇଚ୍ଛାଧୀନ କାର୍ଯ୍ୟପାଇଁ ବିତର୍କ ସ୍ତରକୁ ଆସିଲା । ରାଜ୍ୟପାଳମାନେ କେନ୍ଦ୍ରରେ ଶାସନ କରୁଥିବା ଦଳକୁ ସନ୍ତୁଷ୍ଟ କରିବାକୁ ଯାଇ କାର୍ଯ୍ୟ କଲେ । ସମ୍ବିଧାନ ବିଶେଷଜ୍ଞଙ୍କ ମତରେ ରାଜ୍ୟପାଳଙ୍କ ତିନୋଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ତାହା ହେଲା ରାଜ୍ୟରେ ଜରୁରୀ ପରିସ୍ଥିତି ଜାରି କରିବା ପାଇଁ ରାଷ୍ଟ୍ରପତିଙ୍କୁ ସୁପାରିଶ କରିବା, ଜଣେ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତି କରିବା ପାଇଁ ଯେତେବେଳେ କୌଣସି ଦଳ ସ୍ୱଷ୍ଟ ସଂଖ୍ୟାଗରିଷ୍ଠତା ହାସଲ ନ କରିଥାଆନ୍ତି ଓ ଯେତେବେଳେ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ଯୋଗୁଁ ସଭ୍ୟମାନଙ୍କର ଦଳପରିତ୍ୟାଗ କାରଣରୁ ମୁଖ୍ୟମନ୍ତ୍ରୀଙ୍କର ଭାଗ୍ୟ ନିରୂପଣ କରିବା ଆବଶ୍ୟକ ହୋଇଥାଏ । ଏହି ଭୂମିକା ଗୁଡ଼ିକ ଅତ୍ୟନ୍ତ ବିତର୍କ ମୂଳକ ହୋଇଛି । ବର୍ତ୍ତମାନ ବହୁରାଜ୍ୟରେ ରାଜନୈତିକ ମାନ ଓ କାର୍ଯ୍ୟକଳାପର ଅବନତି ଘଟିଛି ଓ ଏହାର କାରଣ ହେଲା ବହୁରାଜ୍ୟରେ ବହୁଦଳୀୟ ମନ୍ତ୍ରୀପରିଷଦର ସୃଷ୍ଟି, ଦଳୀୟ କନ୍ଦଳ, ଦଳ ପରିବର୍ତ୍ତନ ଏବଂ ରାଜନୈତିକ ଦଳମାନଙ୍କର ବିଭାଜନ ଏହି ବିତର୍କର ମୂଳ କାରଣ ହୋଇଛି । ପ୍ରଶାସନିକ ସଂସ୍କାର କମିଶନ୍ ଓ ସରକାରିଆ କମିଶନ୍‌ଙ୍କ ପ୍ରସ୍ତାବ ଓ ସୁପାରିଶ୍ କେବଳ କାଗଜ କଲମ ରେ ରହିଯାଇଛି, ଯଦିଓ ଏହି ସୁପାରିଶ୍ ଗୁଡ଼ିକ ରାଜ୍ୟପାଳଙ୍କର ପକ୍ଷପାତିତାକୁ ହ୍ରାସ କରିପାରିବ ।

## ୧୩.୨. ମୁଖ୍ୟମନ୍ତ୍ରୀ

ପ୍ରତ୍ୟେକ ରାଜ୍ୟରେ ରାଜ୍ୟପାଳଙ୍କୁ ତାଙ୍କ କର୍ତ୍ତବ୍ୟ ପାଳନରେ ସାହାଯ୍ୟ ଓ ପରାମର୍ଶ ଦେବାପାଇଁ ଗୋଟିଏ ମନ୍ତ୍ରୀ ପରିଷଦ ଥାଏ । ମୁଖ୍ୟମନ୍ତ୍ରୀ ସେହି ରାଜ୍ୟର ପ୍ରଶାସନିକ ମୁଖ୍ୟ । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ମନ୍ତ୍ରୀପରିଷଦ ରାଜ୍ୟ ସ୍ତରରେ ପ୍ରକୃତ କ୍ଷମତା କାର୍ଯ୍ୟକାରୀ କରେ ।

### ୧୩.୨.୧ ମନ୍ତ୍ରୀ ପରିଷଦର ଗଠନ

ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କ ଦ୍ୱାରା ନିଯୁକ୍ତି ହୋଇଥାଆନ୍ତି । ଯେଉଁ ବ୍ୟକ୍ତି ଙ୍କ ସପକ୍ଷରେ ବିଧାନ ସଭାରେ ସଂଖ୍ୟା ଗରିଷ୍ଠ ସଦସ୍ୟଙ୍କର ସମର୍ଥନଥାଏ; ତାଙ୍କୁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତ କରନ୍ତି । ଅନ୍ୟମନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସୁପାରିଶ୍‌ରେ ରାଜ୍ୟପାଳ ନିଯୁକ୍ତ କରିଥାଆନ୍ତି । ମନ୍ତ୍ରୀପରିଷଦରେ ସ୍ଥାନ ପାଇଥିବା ମନ୍ତ୍ରୀମାନେ ରାଜ୍ୟ ବିଧାନ ସଭାର ଯେ କୌଣସି କକ୍ଷର ସଭ୍ୟ ହୋଇଥିବା ଆବଶ୍ୟକ ।

ଯଦି ଜଣେ ବ୍ୟକ୍ତି ବିଧାନସଭାର ସଦସ୍ୟ ନହୋଇ ମନ୍ତ୍ରୀଭାବରେ ନିଯୁକ୍ତ ହେବେ ତାଙ୍କୁ ଛଅମାସ ମଧ୍ୟରେ ବିଧାନ ସଭାକୁ ନିର୍ବାଚିତ ହେବାକୁ ପଡ଼ିଥାଏ । ନଚେତ୍ ତାଙ୍କ ମନ୍ତ୍ରୀପଦବୀର ସମାପ୍ତି ହୋଇଥାଏ । ମନ୍ତ୍ରୀ ମାନଙ୍କ ମଧ୍ୟରେ ବିଭାଗ ବ[ନ ମୁଖ୍ୟମନ୍ତ୍ରୀଙ୍କ ସୁପାରିଶରେ ରାଜ୍ୟପାଳ କରିଥାଆନ୍ତି ।

### ୧୩.୨.୨ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାବଳୀ

ମୁଖ୍ୟମନ୍ତ୍ରୀ ରାଜ୍ୟର ପ୍ରକୃତ ମୁଖ୍ୟ । ମୁଖମନ୍ତ୍ରୀଙ୍କ ସ୍ଥିତି ପ୍ରାୟ ପ୍ରଧାନମନ୍ତ୍ରୀଙ୍କ ପରି ହୋଇଥାଏ । ମୁଖ୍ୟମନ୍ତ୍ରୀ ରାଜ୍ୟ ଶାସନରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଆନ୍ତି । ଆମେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକଳାପକୁ ନିମ୍ନୋକ୍ତ ଭାବରେ ଚର୍ଚ୍ଚା କରିପାରିବା ।

୧। ମୁଖ୍ୟମନ୍ତ୍ରୀ ରାଜ୍ୟ ପ୍ରଶାସନର ପ୍ରକୃତ ମୁଖ୍ୟ । ମୁଖ୍ୟମନ୍ତ୍ରୀଙ୍କ ସୁପାରିଶ୍‌ରେ ମନ୍ତ୍ରୀମାନଙ୍କୁ ରାଜ୍ୟପାଳ ନିଯୁକ୍ତି କରିଥାନ୍ତି । ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ ମୁଖ୍ୟମନ୍ତ୍ରିଙ୍କ ସୁପାରିଶ୍‌ରେ ରାଜ୍ୟପାଳ କରିଥାଆନ୍ତି ।



Notes

୨। ମୁଖ୍ୟମନ୍ତ୍ରୀ ମନ୍ତ୍ରୀମଣ୍ଡଳର ବୈଠକରେ ଅଧ୍ୟକ୍ଷତା କରନ୍ତି । ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସ୍ଥାପନ କରନ୍ତି । ମନ୍ତ୍ରୀମଣ୍ଡଳର କାର୍ଯ୍ୟକଳାପକୁ ସେ ପଥ ପ୍ରଦର୍ଶନ କରିଥାଆନ୍ତି ।

୩। ରାଜ୍ୟର ଆଇନ୍ ଓ ନୀତି ନିର୍ଦ୍ଧାରଣରେ ମୁଖ୍ୟ ମନ୍ତ୍ରୀଙ୍କର ମୁଖ୍ୟ ଭୂମିକା ରୁହେ । ତାଙ୍କ ସ୍ୱିକୃତୀ ପରେ ଜଣେ ମନ୍ତ୍ରୀ ବିଧାନସଭାରେ କୌଣସି ଚିଠା ଆଗତ କରିଥାଆନ୍ତି । ସେ ବିଧାନସଭା ମଧ୍ୟରେ ଓ ବାହାରେ ସରକାରଙ୍କ ମୁଖ୍ୟ ମୁଖପାତ୍ର ହୋଇଥାଆନ୍ତି ।

୪। ସମ୍ବିଧାନ ର ବ୍ୟବସ୍ଥା ଅନୁସାରେ ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ମନ୍ତ୍ରୀପରିଷଦର ସମସ୍ତ ନିଷ୍ପତ୍ତି ଜଣାଇ ଥାଆନ୍ତି । ଯାହାକି ରାଜ୍ୟର ଶାସନ ବିଷୟ ସମ୍ବନ୍ଧୀୟ ଓ ଆଇନ୍ ପ୍ରଣୟନ ସମ୍ବନ୍ଧୀତ ପ୍ରସ୍ତାବ ହୋଇଥାଏ ।

୫। ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କ ଇଚ୍ଛା ଅନୁସାରେ ତାଙ୍କୁ ରାଜ୍ୟର ଶାସନ ସମ୍ବନ୍ଧୀୟ ଓ ଆଇନ୍ ପ୍ରଣୟନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରଦାନ କରିଥାଆନ୍ତି ।

୬। ଯଦି ରାଜ୍ୟପାଳ ଚାହାନ୍ତି ତେବେ ମୁଖ୍ୟମନ୍ତ୍ରୀ କୌଣସି ମନ୍ତ୍ରୀଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଯାହା ମନ୍ତ୍ରୀମଣ୍ଡଳରେ ଗୃହୀତ ହୋଇନଥିବ ତାହା ମନ୍ତ୍ରୀପରିଷଦର ବିଚାର ପାଇଁ ଉପସ୍ଥାପନ କରିପାରିବେ ।

୭। ମୁଖ୍ୟମନ୍ତ୍ରୀ ମନ୍ତ୍ରୀମଣ୍ଡଳ ଓ ରାଜ୍ୟପାଳଙ୍କ ମଧ୍ୟରେ ମୁଖ୍ୟ ଯୋଗସୂତ୍ରକାରୀ । ରାଜ୍ୟପାଳଙ୍କ ଅଧିକାର ରହିଛି ଯେ, ମୁଖ୍ୟମନ୍ତ୍ରୀ ତାଙ୍କୁ ମନ୍ତ୍ରୀପରିଷଦରେ ନିଆଯାଇଥିବା ନିଷ୍ପତ୍ତି ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିବେ ।

ଉପରୋକ୍ତ କାର୍ଯ୍ୟାବଳୀ ଜଣାଇ ଦେଉଛି ଯେ, ପ୍ରକୃତ କ୍ଷମତା ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ମନ୍ତ୍ରୀପରିଷଦ ଉପରେ ହିଁ ନ୍ୟସ୍ତ ହୋଇଛି । ମନ୍ତ୍ରୀପରିଷଦ ରାଜ୍ୟର ପ୍ରକୃତ କାର୍ଯ୍ୟପାଳିକା । ରାଜ୍ୟର ମନ୍ତ୍ରୀପରିଷଦର ଅସ୍ତିତ୍ୱ, ଶାସନ କରୁଥିବା ଦଳର ବିଧାନ ସଭାରେ ସଂଖ୍ୟାଗତ ଶକ୍ତି ଓ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ ଉପରେ ନିର୍ଭର କରେ । ଯେତେବେଳେ କେନ୍ଦ୍ରରେ ମୁଖ୍ୟମନ୍ତ୍ରୀଙ୍କ ଦଳ ଶାସନ ଦାୟିତ୍ୱରେ ଥାଆନ୍ତି ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ କ୍ଷମତା ଅଧିକ ହୋଇଥାଏ । ଯେତେବେଳ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଓ ତାଙ୍କ ମନ୍ତ୍ରୀପରିଷଦ ବିଧାନସଭାରେ ସଂଖ୍ୟାଗରିଷ୍ଠ ସମର୍ଥନ ପାଇଥାଆନ୍ତି । ସେ ରାଜ୍ୟର ପ୍ରକୃତ କାର୍ଯ୍ୟପାଳିକା କ୍ଷମତା ବହନ କରିଥାଆନ୍ତି ।

## ୧୩.୩. ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟପାଳଙ୍କ ସମ୍ପର୍କ

ରାଜ୍ୟପାଳ ହେଉଛନ୍ତି ରାଜ୍ୟର ସାମ୍ବିଧାନିକ ମୁଖ୍ୟ । ସମସ୍ତ କାର୍ଯ୍ୟପାଳିକା ଜନୀତ କାର୍ଯ୍ୟାବଳୀ ତାଙ୍କ ନାମରେ ହିଁ ହୋଇଥାଏ । ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତି ଦିଅନ୍ତି ଓ ତାଙ୍କ ପରାମର୍ଶରେ ଅନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତି କରିଥାଆନ୍ତି । ରାଜ୍ୟପାଳ ରାଜ୍ୟର ପ୍ରଶାସନକୁ ଠିକ୍ ଭାବରେ ପରିଚାଳନା କରିବାର ଦାୟିତ୍ୱ ବହନ କରିଥାଆନ୍ତି । ରାଜ୍ୟର ଶାସନ ଯେପରି ସମ୍ବିଧାନ ଅନୁସାରେ ହୁଏ, ତାହା ଅନୁଧ୍ୟାନ କରିବା ରାଜ୍ୟପାଳଙ୍କର ଏକ ଗୁରୁତ୍ୱ ପୂର୍ଣ୍ଣ ଦାୟିତ୍ୱ । ଯଦି ସେ ଅନୁଭବ କରନ୍ତି ଯେ ରାଜ୍ୟର ସାମ୍ବିଧାନିକ ବ୍ୟବସ୍ଥା ଅଚଳ ହୋଇ ଯାଇଛି ବା ସଂବିଧାନ ଅନୁସାରେ ରାଜ୍ୟରେ ଶାସନ ପରିଚାଳନା ଅସମ୍ଭବ ହୋଇପଡ଼ିଛି, ସେତେବେଳେ ସେ କେନ୍ଦ୍ର ସରକାରଙ୍କୁ ରାଜ୍ୟରେ ଜରୁରୀ ପରିସ୍ଥିତି ଜାରୀ କରିବା ପାଇଁ ପରାମର୍ଶ ଦେଇପାରିବେ । ରାଜ୍ୟପାଳ ନିଜ ତଥ୍ୟ ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ରାଜ୍ୟରେ ଜରୁରୀ ପରିସ୍ଥିତି ଜାରୀ କରିବା ପାଇଁ ପରାମର୍ଶ ଦେଇପାରିବେ । ଯଦି ରାଷ୍ଟ୍ରପତି ଏହି ତଥ୍ୟ ଉପରେ ସନ୍ତୁଷ୍ଟ ହୁଅନ୍ତି ତେବେ ସେ ସଂବିଧାନର ୩୫୬ ଧାରା ଅନୁସାରେ ଜରୁରୀ ପରସ୍ଥିତି ଜାରୀ କରିପାରବେ, ଯାହାକୁ 'ରାଷ୍ଟ୍ରପତିଶାସନ' ଭାବରେ ଜନସାଧାରଣ ଜାଣିଛନ୍ତି । ସେତେବେଳେ ରାଜ୍ୟ କେନ୍ଦ୍ରର ନିୟନ୍ତ୍ରଣରେ ରହେ ଓ ରାଜ୍ୟପାଳ କେନ୍ଦ୍ରର ପ୍ରତିନଧି ଭାବରେ କାର୍ଯ୍ୟ କରନ୍ତି । ଏହି ସମୟରେ ରାଜ୍ୟର ମନ୍ତ୍ରୀପରିଷଦ କ୍ଷମତାଚ୍ୟୁତ ହୁଏ ଓ ବିଧାନ ସଭାକୁ ଭଙ୍ଗ କରାଯାଇପାରେ ବା ସ୍ଥଗିତ ରଖାଯାଇପାରେ ।

ସଂବିଧାନର ବ୍ୟବସ୍ଥା ଅନୁସାରେ ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ରେ ଗୋଟିଏ ମନ୍ତ୍ରୀପରିଷଦ ରହିବ ଯାହାକି ରାଜ୍ୟପାଳଙ୍କୁ ତାଙ୍କ କାର୍ଯ୍ୟନିର୍ବାହ କରିବା ପାଇଁ ସାହାଯ୍ୟ ଓ ପରାମର୍ଶ ପ୍ରଦାନ କରିବ । ଯେତେ ବେଳେ ସଂବିଧାନ ଅନୁସାରେ ସେ ନିଜ ଇଚ୍ଛା ଅନୁସାରେ କାର୍ଯ୍ୟ କରିବାର ଅଧିକାର ସାବ୍ୟସ୍ତ କରିବାକୁ ଚାହିଁଥାଆନ୍ତି ସେତେବେଳେ ମନ୍ତ୍ରୀପରିଷଦର ପରାମର୍ଶ ନେଇନଥାଆନ୍ତି ।

ଯେତେବେଳ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରାଜ୍ୟ ବିଧାନ ସଭାରେ ସଂଖ୍ୟାଗରିଷ୍ଠ ସମର୍ଥନ ପାଇଥାଆନ୍ତି ସେତେବେ ପର୍ଯ୍ୟନ୍ତ ରାଜ୍ୟପାଳଙ୍କ ଇଚ୍ଛାଧିନ କ୍ଷମତା ସଂକୁଚିତ ହୋଇଥାଏ । ଏହି ସମୟରେ ମୁଖ୍ୟମନ୍ତ୍ରୀ ରାଜ୍ୟର ପ୍ରକୃତ ଶାସନ ମୁଖ୍ୟ ଓ ରାଜ୍ୟପାଳ ସମ୍ବିଧାନିକ ମୂଖ୍ୟ ହୋଇଥାଆନ୍ତି । ତେଣୁ ଆମେ ଜାଣିଲେ ଯେ ରାଜ୍ୟପାଳ ଏକ ଦ୍ୱୈତ ଭୂମିକା ନେଇଥାଆନ୍ତି । ରାଜ୍ୟର ସାମ୍ବିଧାନିକ ମୁଖ୍ୟ ହିସାବରେ ସେ ମନ୍ତ୍ରୀପରିଷଦର ପରାମର୍ଶରେ କାର୍ଯ୍ୟନିର୍ବାହ କରନ୍ତି ଓ ଏହାସହ ସରକାରଙ୍କ ପ୍ରତିନିଧି ଭାବରେ ମଧ କାର୍ଯ୍ୟ କରନ୍ତି । ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ସମ୍ପର୍କ ରାଜ୍ୟର ରାଜନୈତିକ ଓ ସାମ୍ବିଧାନିକ ସ୍ଥିତି ଦ୍ୱାରା ପ୍ରଭାବିତ ହୋଇଥାଏ । ସାଧାରଣ ପରିସ୍ଥିତିରେ ରାଜ୍ୟପାଳ ରାଜ୍ୟର ଅଳଙ୍କାରିକ ମୁଖ୍ୟ, କିନ୍ତୁ ରାଷ୍ଟ୍ରପତିଶାସନ ବେଳେ ସେ କେନ୍ଦ୍ରର ପ୍ରତିନିଧିଭାବରେ ରାଜ୍ୟର ଶାସନ ବ୍ୟବସ୍ଥା ନିୟନ୍ତ୍ରଣ କରିଥାଆନ୍ତି । ରାଜ୍ୟପାଳ ସଂବିଧାନର ଅନ୍ତର୍ନିହିତ ଭାବନା ଅନୁସାରେ ଗୋଟିଏ ଦୃଷ୍ଟିରୁ କେନ୍ଦ୍ରସରକାରଙ୍କ "ଚକ୍ଷୁ ଓ କର୍ଣ୍ଣ'' ଯେହେତୁ ସେ କେନ୍ଦ୍ର ଦ୍ୱାରା ନିଯୁକ୍ତ ହୋଇଥାଆନ୍ତି, ବିହସ୍କୃତ ବା ବଦଳି ହୋଇଥାଆନ୍ତି; ତେଣୁ ସର୍ବଦା କେନ୍ଦ୍ର ପ୍ରତି ଓ କେନ୍ଦ୍ରର କ୍ଷମତାସୀନ ଦଳ ପ୍ରତି ଅନୁଗତ ରୁହନ୍ତି । ତେଣୁ ଗୁରୁତ୍ୱର ସହ କୁହାଯାଇପାରେ ଯେ ରାଜ୍ୟପାଳଙ୍କ ଭୂମିକା କେବଳ ଜଣେ ମିମାଂସାକାରୀ ବା ଅମ୍ପାୟର ଭାବରେ - ସଂବିଧାନର ଭାଷା ଓ ଭାବନା ଅନୁସାରେ ଖେଳ ପରିଚାଳନ କରିବା ନୁହେଁ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୩.୨

୧। ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ

(କ) ମୁଖ୍ୟମନ୍ତ୍ରୀ କିପରି ଭାବରେ ନିୟୁକ୍ତି ହୋଇଥାଆନ୍ତି ?

(ଖ) କିଏ ରାଜ୍ୟର ମନ୍ତ୍ରୀ ମାନଙ୍କୁ ନିଯୁକ୍ତି ହେବା ପାଇଁ ଚୟନ କରନ୍ତି ?

୨। ଶୂନ୍ୟସ୍ଥାନ ପୁରଣ କରିବାପାଇଁ ବନ୍ଧିନୀ ଚିହ୍ନ ମଧରେ ଥିବା ଉପଯୁକ୍ତ ଶବ୍ଦକୁ ଉଲ୍ଲେଖ କର ?

(କ) ରାଜ୍ୟପାଳ ମନ୍ତ୍ରୀମାନଙ୍କୁ ନିଯୁକ୍ତି କଲାବେଳେ__________ଙ୍କ ପରାମର୍ଶରେ କରିଥାଆନ୍ତି । (ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଉପରାଷ୍ଟ୍ରପତି)

(ଖ) ରାଜ୍ୟ ମନ୍ତ୍ରୀମଣ୍ଡଳର ଅଧିବେସନରେ__________ ଅଧକ୍ଷତା କରିଥାଆନ୍ତି । (ରାଜ୍ୟପାଳ, ବାଚସ୍ପତି , ମୁଖ୍ୟମନ୍ତ୍ରୀ)

(ଗ) ରାଜ୍ୟର ମନ୍ତ୍ରୀପରିଷଦ__________ ପାଖରେ ଦାୟୀ । (ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିଧାନ ସଭା)

(ଘ) ମୁଖ୍ୟମନ୍ତ୍ରୀ __________ ଅଟନ୍ତି । (ରାଜ୍ୟରେ ନାମକୁମାତ୍ର ମୂଖ୍ୟ, ରାଜ୍ୟର ପ୍ରକୃତ ମୂଖ୍ୟ , ସରକାର ର ନାମକୁମାତ୍ର ମୁଖ୍ୟ ସରକାର ର ପ୍ରକୃତ ମୂଖ୍ୟ ।)

## ତୁମେ କ'ଣ ଶିକ୍ଷା କଲ ?

ରାଜ୍ୟପାଳ ଗୋଟିଏ ରାଜ୍ୟର ମୁଖ୍ୟ, ଯିଏକି କେନ୍ଦ୍ରର ମନ୍ତ୍ରୀମଣ୍ଡଳର ପରାମର୍ଶରେ ରାଷ୍ଟ୍ରପତିଙ୍କ ସ୍ୱିକୃତୀ ରେ ତାଙ୍କ ଦ୍ୱାରା ନିଯୁକ୍ତି ହୋଇଥାଆନ୍ତି ।



Notes

ରାଜ୍ୟପାଳଙ୍କ କାର୍ଯ୍ୟକାଳ ପା*ବର୍ଷ କିନ୍ତୁ ତାଙ୍କୁ ପାଞ୍ଚ ବର୍ଷ ପୂର୍ବରୁ କ୍ଷମତାଚ୍ୟୁତ କରାଯାଇପାରେ ।

ସେ ବ୍ୟବସ୍ଥାପକ, ଆର୍ଥିକ, ବିଚାରଗତ ଓ ଇଚ୍ଛାଧିନ କ୍ଷମତା କାର୍ଯ୍ୟକାରୀ କରିଥାଆନ୍ତି । ରାଜ୍ୟପାଳ ରାଜ୍ୟର କାର୍ଯ୍ୟପାଳିକାର ମୁଖ୍ୟ ଭାବରେ କାର୍ଯ୍ୟ କରନ୍ତି, କିନ୍ତୁ ସେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଗଠିତ ମନ୍ତ୍ରୀପରିଷଦର ପରାମର୍ଶ ରେ ପରିଚାଳିତ ହୋଇଥାଆନ୍ତି ।

ସେ ଯେଉଁ ଇଚ୍ଛାଧିନ କ୍ଷମତା କାର୍ଯ୍ୟକାରୀ କରନ୍ତି ତାହା ତାଙ୍କୁ ବିତର୍କ ମୂଳକ ବ୍ୟକ୍ତି ହିସାବରେ ପରିଚିତ କରିଛି । ପ୍ରଶାସନିକ ସଂସ୍କାର କମିଶନ ଓ ସରକାରିଆ କମିଶନ ଦ୍ୱାରା ତାଙ୍କୁ ନିରପେକ୍ଷ କରିବା ପାଇଁ ଚେଷ୍ଟା କରାଯାଇଛି କିନ୍ତୁ କୌଣସି ସାକାରକ ନିର୍ଣ୍ଣୟ ସୃଷ୍ଟି ହୋଇନାହିଁ ।

ମୁଖ୍ୟମନ୍ତ୍ରୀ ରାଜ୍ୟସ୍ତରରେ ସରକାରର ପ୍ରକୃତ ମୁଖ୍ୟ ଅଟନ୍ତି । ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତ କରିଥାଆନ୍ତି । ଯେଉଁ ବ୍ୟକ୍ତି ରାଜ୍ୟରେ ବିଧାନ ସଭାରେ ସଂଖ୍ୟା ଗରିଷ୍ଠ ସଭ୍ୟଙ୍କର ସମର୍ଥନ ପାଇଥାଆନ୍ତି ତାଙ୍କୁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତି କରିଥାଆନ୍ତି । ଅନ୍ୟମନ୍ତ୍ରୀମାନଙ୍କୁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ନିଯୁକ୍ତି କରିଥାଆନ୍ତି । ସିଏ ରାଜ୍ୟ ସରକାରଙ୍କ ସମସ୍ତ ନୀତି ନିର୍ଦ୍ଧାରଣ ଏକମାତ୍ର ଯୋଗସୂତ୍ରକାରୀ । ସେ ମନ୍ତ୍ରୀମାନଙ୍କ ମଧରେ ବିଭିନ୍ନ ବିଭାଗ ମଧରେ ସମନ୍ୱୟ ରକ୍ଷା କରନ୍ତି ।

ସାଧାରଣ ସମୟରେ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ନିଜର କ୍ଷମତା କାର୍ଯ୍ୟକାରୀ କରି ଥାଆନ୍ତି । କିନ୍ତୁ ଯେତେବେଳେ ରାଜ୍ୟରେ ସାମ୍ବିଧାନିକ ବ୍ୟବସ୍ଥା ଅଚଳ ହୋଇଯାଏ ସେତେବେଳେ ସେ ରାଷ୍ଟ୍ରପତିଙ୍କୁ ରାଜ୍ୟରେ ଜରୁରୀପରିସ୍ଥିତି ଜାରୀ କରିବା ପାଇଁ ପରାମର୍ଶ ଦେଇ ପାରିବେ । ଯେତେବେଳେ ରାଜ୍ୟରେ ଜରୁରୀ ପରିସ୍ଥିତି ଜାରୀ ରହିଥାଏ ସେତେବେଳେ ସେ ରାଜ୍ୟର ପ୍ରଶାସନକୁ ରାଷ୍ଟ୍ରପତିଙ୍କ ତରଫରୁ ପରିଚାଳିତ କରିଥାଆନ୍ତି ।

## ପାଠ୍ୟାନ୍ତ ଅଭ୍ୟାସ

୧। ରାଜ୍ୟପାଳ କିପରି ନିଯୁକ୍ତ ହୁଅନ୍ତି ?

୨। ରାଜ୍ୟପାଳଙ୍କ ଦ୍ୱାରା କେଉଁ କ୍ଷମତା ଗୁଡ଼ିକ କାର୍ଯ୍ୟକାରୀ ହୋଇଥାଏ ?

୩। ରାଜ୍ୟପାଳଙ୍କ କୌଣସି ଇଚ୍ଛାଧିନ କ୍ଷମତା ଅଛି କି ? ତାଙ୍କର ଇଚ୍ଛାଧିନ କ୍ଷମତା ଗୁଡ଼ିକ ବର୍ଣ୍ଣନା କର ?

୪। ରାଜ୍ୟପାଳଙ୍କର ସ୍ଥିତି ଓ ଭୂମିକା କ'ଣ ?

୫। ଗୋଟିଏ ରାଜ୍ୟରେ ମନ୍ତ୍ରୀପରିଷଦ କିପରି ଗଠିତ ହୁଏ ?

୬। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାବଳୀ ବର୍ଣ୍ଣନା କର ?

୭। ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟପାଳଙ୍କ ସମ୍ପର୍କ ଚର୍ଚ୍ଚା କର ?

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୧୩.୧**

୧। ରାଷ୍ଟ୍ରପତି

୨। ପା* ବର୍ଷ

୩। ବିଧାନ ସଭା

୪। ରାଜ୍ୟପାଳ

୫। ମୁଖ୍ୟ ମନ୍ତ୍ରୀଙ୍କ ନେତୃତ୍ୱାଧିନ ମନ୍ତ୍ରୀପରିଷଦ

**୧୩.୨**

୧। (କ) ରାଜ୍ୟପାଳ; ସେ ବିଧାନସଭାର ସଂଖ୍ୟାଗରିଷ୍ଠ ଦଳର ନେତା ବା ମିଳିତ ଦଳମାନଙ୍କର ନେତାଙ୍କୁ ନିଯୁକ୍ତ କରନ୍ତି ।

(ଖ) ମୁଖ୍ୟମନ୍ତ୍ରୀ

୨। (କ) ମୁଖ୍ୟମନ୍ତ୍ରୀ

(ଖ) ମୁଖ୍ୟମନ୍ତ୍ରୀ

(ଗ) ବିଧାନ ସଭା

(ଘ) ସରକାରଙ୍କ ପ୍ରକୃତ ମୁଖ୍ୟ ।

## ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା

୧। ୧୩.୧.୧ ବିଭାଗକୁ ଦେଖ ।

୨। ୧୩.୨ ବିଭାଗକୁ ଦେଖ ।

୩। ୧୩.୧.୨. ବିଭାଗକୁ ଦେଖ ।

୪। ୧୩.୧.୩ ବିଭାଗକୁ ଦେଖ ।

୫। ୧୩.୩ ବିଭାଗକୁ ଦେଖ ।

୬। ୧୩.୩.୧ ବିଭାଗକୁ ଦେଖ ।

୭। ୧୩.୩.୨ ବିଭାଗକୁ ଦେଖ ।

୮। ୧୩.୪ ବିଭାଗକୁ ଦେଖ ।